**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**14 MAY– 2026**

# ଡିପ୍ ଫେକ୍-ଧର୍ମେନ୍ଦ୍ର

ଭାରତରେ ଡିପ୍ ଫେକ୍ ଏବଂ ଅଭିନବ ଗବେଷଣା ସୁଦୃଢ଼ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭାରତ ଇନୋଭେଟର୍ସ-୨୦୨୬ ଅନ୍ତର୍ଗତ ଇଣ୍ଡଷ୍ଟ୍ରି ଲିଡର୍ସ ଗୋଲ୍ ଟେବୁଲ୍ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପ୍ରଧାନ କହିଛନ୍ତି, ଦେଶ କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ପାଇଁ ଦେଶ ଆଜି ବିଶ୍ୱର ଏକ ବିଶ୍ୱସ୍ତ ପ୍ରଯୁକ୍ତି ସହଭାଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛି । ବିକଶିତ ଭାରତ ଆଡ଼କୁ ଅଗ୍ରସର ହେବା ସହ ଭାରତ ସମଗ୍ର ବିଶ୍ୱ ପାଇଁ ସମାଧାନ ସହ ନିର୍ମାଣ କରିବାରେ ବିଶ୍ୱାସ କରେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# କଲରାପତରିଆ ସଂରକ୍ଷଣ

ଭୁବନେଶ୍ୱରରେ କଲରାପତରିଆ ବାଘ ସଂରକ୍ଷଣ ଓ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମର ଶୀର୍ଷକ ହେଉଛି "ମାନବ ଅଧ୍ୟୁଷିତ ବାତାବରଣରେ ସହାବସ୍ଥାନ" । ଏଥିରେ କଲରାପତରିଆ ବାଘ ସଂରକ୍ଷଣ ପାଇଁ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପଗୁଡ଼ିକ ସଂପର୍କରେ ଆଲୋଚନା ସହ ଜୈବବିବିଧତା ସଂରକ୍ଷଣ ପଦକ୍ଷେପଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦିଆଯିବ । କାର୍ଯ୍ୟକ୍ରମରେ

ରାଜ୍ୟ ସରକାରଙ୍କ ସଂରକ୍ଷଣ ସଫଳତା, ଆହ୍ୱାନ ଓ ପ୍ରୟାସ ପ୍ରଦର୍ଶନ କରାଯିବ ।

## ବିଶ୍ୱ ଦକ୍ଷତା କେନ୍ଦ୍ର-ସମୀକ୍ଷା

ରାଜ୍ୟରେ ଉନ୍ନତମାନର ଦକ୍ଷତା ବିକାଶ ପାଇଁ ଭିତ୍ତିଭୂମିର ସଂପୂର୍ଣ୍ଣ ବିନିଯୋଗ କରିବା ଉପରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଶ୍ୱ ଦକ୍ଷତା ଭଳି ବିଶ୍ୱସ୍ତରୀୟ ମଞ୍ଚ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି । ରାଜ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏପର୍ଯ୍ୟନ୍ତ ୯ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ନିଯୁକ୍ତି ହାର ୯୯ ପ୍ରତିଶତରୁ ଅଧିକ ରହିଥିବା ସମୀକ୍ଷା ବୈଠକରୁ ଜଣାପଡ଼ିଛି ।

---

## ଧାନକ୍ରୟ- ସମୀକ୍ଷା ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୨୦୨୫-୨୬ ବିପଣନ ଋତୁରେ ରବି ଫସଲ ଧାନକ୍ରୟ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜଣାପଡ଼ିଛି, ଆଜିଠାରୁ  ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରୁ ଧାନ କ୍ରୟ କରାଯିବ । ଶ୍ରୀମତୀ ଗର୍ଗ ଧାନକ୍ରୟ ବ୍ୟବସ୍ଥାର ସୁପରିଚାଳନା ନେଇ ଗୁରୁତ୍ୱ ଦେବା ସହ ଧାନ ସଂଗ୍ରହ ସଂପର୍କରେ ସୂଚନା, ଶିକ୍ଷା, ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

---

## ଖର୍ଚ୍ଚ ହିସାବ ବୈଠକ

ରାଜ୍ୟରେ ଚଳିତ ଆର୍ଥିକବର୍ଷରେ ଖର୍ଚ୍ଚର ହିସାବ ଏବଂ ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା ପାଇଁ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ପଞ୍ଚାୟତିରାଜ, ଆଇନ ଆଦି କେତେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

---

## ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ

ବିଶ୍ୱବ୍ୟାଙ୍କର ଏକ ପ୍ରତିନିଧି ଦଳ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ମୂଲ୍ୟଶୃଙ୍ଖଳ ସୁଦୃଢ଼ କରିବା ବିଷୟରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଶିଳ୍ପ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ବିଶ୍ୱସ୍ତରୀୟ ସୁଦୃଢ଼ ଖଣିଜ ପରିବେଶ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

---

## କର୍ମଶାଳା

ଶ୍ରମ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅଧୀନରେ ନିୟୋଜିତ ଠିକାଦାରମାନଙ୍କ ମଧ୍ୟରେ ଶ୍ରମ ନିୟମାବଳୀ ଏବଂ ଶ୍ରମିକ କଲ୍ୟାଣକାରୀ ପଦକ୍ଷେପ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଶ୍ରମିକମାନଙ୍କ କଲ୍ୟାଣ, ସୁରକ୍ଷା ନିୟମ, ଠିକ୍ ସମୟରେ ମଜୁରୀ ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା।

---

# ସଚେତନତା ସୃଷ୍ଟି

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଓସ୍‌ଡମା ପକ୍ଷରୁ ବିପର୍ଯ୍ୟୟ ହ୍ରାସ, ଲିଙ୍ଗଗତ ମୁଖ୍ୟଧାରାକରଣ ଶୀର୍ଷକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ମହିଳା, କିଶୋରୀ ଓ ଭିନ୍ନକ୍ଷମଙ୍କୁ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ମହିଳାଙ୍କ ପ୍ରତି ହିଂସା ଆଚରଣ ବିରୁଦ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା ।

---

# ବାଲିଯାତ୍ରା

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ବେଜୁଗୁଡ଼ା ଗ୍ରାମରେ ଭଲ ବର୍ଷା ଓ ଫସଲ ହେବା ନେଇ ଆୟୋଜିତ ବାଲିଯାତ୍ରା ଉଦ୍‌ଯାପିତ ହୋଇଛି । ୨୪ ବର୍ଷ ବ୍ୟବଧାନରେ ଆୟୋଜିତ ହୋଇଥିବା ଏହି ୯ ଦିନିଆ ବାଲିଯାତ୍ରାରେ ଆଉଁଳିଗୁମ୍ଫା ଇନ୍ଦ୍ରାବତୀ ନଦୀରୁ ବାଲି ସଂଗ୍ରହ କରାଯାଇ ପୂଜା କରାଯାଇଥିଲା ।

---

# ନାଟକ ପ୍ରତିଯୋଗିତା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୩ ଦିନିଆ ଅଷ୍ଟମ ବୀରବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଏଭଳି ପ୍ରତିଯୋଗିତା ଶିକ୍ଷଣୀୟ ବାର୍ତ୍ତା ଦେବା ସହ ସମାଜକୁ ସଚେତନ ଓ ସମୃଦ୍ଧ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି ।

---

## ଲୋକରଂଜନୀ କାର୍ଯ୍ୟକ୍ରମ

ବରଗଡ଼ ଜିଲ୍ଲା ଯଦୁମଣି ପ୍ରଧାନ ପେକ୍ଷାଳୟରେ ୩ ଦିନିଆ ଲୋକରଂଜନୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । କାର୍ଯ୍ୟକ୍ରମରେ ରାଜ୍ୟର ଯୁବ କଳାକାରମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା ।

---

## ମୌସୁମୀ ବାୟୁ-ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ମୌସୁମୀ ବାୟୁ ଆସନ୍ତା ଶନିବାର ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ସମେତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଅପରପକ୍ଷରେ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରୁ ତାପମାତ୍ରା ହ୍ରାସ ପାଇଛି । ତେବେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ଟିଟିଲାଗଡ଼ଠାରେ ସର୍ବାଧିକ ତାପମାତ୍ରା ୪୦ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।

---